**National Workshop on NeVA during 24th and 25th May 2023 and Participation of Odisha**

**ପ୍ରମେୟ**
THE PRAMEYA

# ନେଭା ଜାତୀୟ କର୍ମଶାଳା ଉଦ୍‌ଘାଟିତ

ଭୁବନେଶ୍ୱର,୨୪।୫(ବ୍ୟୁରୋ): ନୂଆଦିଲ୍ଲୀସ୍ଥିତ ହୋଟେଲ ଅଶୋକାଠାରେ ଆଜି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଦୁଇଦିନିଆ ନ୍ୟାସନାଲ୍ ଇ-ବିଧାନ(ନେଭା) ଜାତୀୟ କର୍ମଶାଳା ଉଦ୍‌ଘାଟିତ ହୋଇଛି। କର୍ମଶାଳାରେ କେନ୍ଦ୍ର ମନ୍ତ୍ରୀ ପିୟୁଷ ଗୋଏଲ୍, ପ୍ରହ୍ଲାଦ ଯୋଶୀ ଓ ଭି. ମୁରଲୀଧରନ ଅତିଥି ଭାବେ ଯୋଗଦେଇ କାଗଜବିହୀନ ବିଧାନସଭା କିପରି ସୁଚାରୁ ରୂପେ ପରିଚାଳିତ ହେବ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦ୍ର ସଂସଦୀୟ ବ୍ୟାପାର ସଚିବ ଗୁଡ୍ଡେ ଶ୍ରୀନିବାସ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶା ବିଧାନସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନ ଓ ଓଡ଼ିଶା ବିଧାନସଭା ବାଚସ୍ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇ-ବଜେଟ୍ କାର୍ଯ୍ୟକାରୀ କରାଯାଉଛି। ଓଡ଼ିଶାରେ ଏଭଳି ପଦକ୍ଷେପ ନିଆଯାଉଥିବା କଥା ଜାଣିବା ପରେ କର୍ମଶାଳାରେ ଉପସ୍ଥିତ ଅତିଥି ଓ ପ୍ରତିନିଧି ଖୁସିବ୍ୟକ୍ତ କରିଥିଲେ। ଏହି କର୍ମଶାଳାରେ ଓଡ଼ିଶା ବିଧାନସଭା ସଚିବ ଦାଶରଥି ଶତପଥୀ, ଓଡ଼ିଶା ରାଜ୍ୟ ସୂଚନା ପ୍ରଯୁକ୍ତି ଅଧିକାରୀ ଡ. ଅଶୋକ କୁମାର ହୋତା ଏବଂ ଜାତୀୟ ସୂଚନା କେନ୍ଦ୍ର ଭୁବନେଶ୍ୱର ବରିଷ୍ଠ ଅଧିକାରୀ ସରିତା ସାହୁ, ଅଶୋକ କୁମାର ବେହେରା ଓ ସୁଦୀପ୍ତ ସାମନ୍ତ ଅଂଶଗ୍ରହଣ କରିଛନ୍ତି।



**ଧରିତ୍ରୀ**
DHARITRI

# ୨ଦିନିଆ ନ୍ୟାଶନାଲ ଇ-ବିଧାନ (ନେଭା)ର ଜାତୀୟ କର୍ମଶାଳା ଉଦ୍‌ଘାଟିତ

ଭୁବନେଶ୍ୱର, ୨୪।୫(ବ୍ୟୁରୋ): ନୂଆଦିଲ୍ଲୀଠାରେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ୨ ଦିନିଆ ନ୍ୟାଶନାଲ ଇ-ବିଧାନ (ନେଭା)ର ଜାତୀୟ କର୍ମଶାଳା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି କର୍ମଶାଳାରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ, ପ୍ରହ୍ଲାଦ ଜୋଷୀ ଏବଂ ଭି ମୁରଲୀଧରନ ଅତିଥି ଭାବେ ଯୋଗଦେଇ କାଗଜବିହୀନ ବିଧାନସଭା କିପରି ସୁଚାରୁରୂପେ ପରିଚାଳନା କରିହେବ ସେନେଇ ଆଲୋକପାତ କରିଛନ୍ତି। ଏହି କର୍ମଶାଳାରେ କେନ୍ଦ୍ର ସଂସଦୀୟ ବ୍ୟାପାର ସଚିବ ଗୁଡ଼େ ଶ୍ରୀନିବାସ ସ୍ୱାଗତ ଭାଷଣ ପ୍ରଦାନ କରିଛନ୍ତି। କର୍ମଶାଳାରେ ଓଡ଼ିଶା ବିଧାନସଭା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନରେ ଏବଂ ଓଡ଼ିଶା ବିଧାନସଭାର ବାଚସ୍ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇ-ବଜେଟ କାର୍ଯ୍ୟକାରୀ କରିଥିବା ବିଷୟରେ ଅବଗତ ହୋଇ ଅତିଥି ଏବଂ ପ୍ରତିନିଧିମାନେ ଖୁସିବ୍ୟକ୍ତ କରିଛନ୍ତି। ଏହି କର୍ମଶାଳାରେ ଓଡ଼ିଶା ବିଧାନସଭାର ସଚିବ ଦାଶରଥି ଶତପଥୀ, ଓଡ଼ିଶା ରାଜ୍ୟ ସୂଚନା ପ୍ରଯୁକ୍ତି ଅଧିକାରୀ ଅଶୋକ କୁମାର ହୋତା ଏବଂ ଜାତୀୟ ସୂଚନା କେନ୍ଦ୍ର, ଭୁବନେଶ୍ୱରର ବରିଷ୍ଠ ଅଧିକାରୀ ସରିତା ସାହୁ ଅଶୋକ କୁମାର ବେହେରା ଏବଂ ସୁଦୀପ୍ତ ସାମନ୍ତ ଯୋଗଦେଇଛନ୍ତି।